# ଆନ୍ତଃଜିଲ୍ଲା ଡକାୟତ ପପୁ ଗିରଫ

ନିଶ୍ଚିନ୍ତକୋଇଲି,୨।୩(ସମିସ)




ସାଲେପୁର ଉପଖଣ୍ଡ ପୁଲିସ ଅଧୀନରେ ନିଶ୍ଚିନ୍ତକୋଇଲି ପୁଲିସକୁ ବଡ଼ ସଫଳତା ମିଳିଛି। କିଛି ଦିନ ହେବ ନିଶ୍ଚିନ୍ତକୋଇଲି ଥାନାଞ୍ଚଳରେ ତିନୋଟି ଓ ସାଲେପୁର ଥାନାଞ୍ଚଳରେ ଗୋଟିଏ ରାହାଜାନୀ ଘଟଣା ଘଟାଇ ଲୋକଙ୍କଠାରୁ ଟଙ୍କା ଲୁଟ୍ କରିବା ସହିତ ଚାରିଚକିଆ ଯାନ ଚୋରି କରିଥିବା ଡକାୟତକୁ ଗିରଫ କରିଛି ପୁଲିସ। ସାଲେପୁର ଏସଡିପିଓ ବିରଞ୍ଚିନାରାୟଣ ପତିଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ଆଇଆଇସି, ସାଲପୁର ଆଇଆଇସି ଓ ମାହାଙ୍ଗା ଆଇଆଇସିଙ୍କ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଏହି ରାହାଜାନୀ ଘଟଣାର ମୁଖ୍ୟ ଆସାମୀ ଜଗତ୍‌ସିଂହପୁର ଥାନା ସିଂଗାରପୁର ଗ୍ରାମର ପପୁ ସିଂକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା'ଠାରୁ ନଗଦ ୧୫ ହଜାର ଟଙ୍କା ସମେତ ଗୋଟିଏ କାର୍, ଗୋଟିଏ ସ୍କୁଟି, ୨ଟି ମୋବାଇଲ, ଏକ ଭୁଜାଲି ଜବତ କରିଛି। ପପୁ ନାମରେ ବିଭିନ୍ନ ଜିଲ୍ଲାରେ ୨୮ରୁ ଊର୍ଦ୍ଧ୍ୱ ଭିନ୍ନ ଭିନ୍ନ ମାମଲା ରହିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ପ୍ରକାଶ କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଜଣେ ଯୁବକକୁ ଖୁବ୍ ଶୀଘ୍ର ଧରିବା ପାଇଁ ପୁଲିସ ପ୍ରୟାସ ଚଳାଇଛି।

## ନଗଦ ଟଙ୍କା ସହ ଗାଡ଼ି, ମୋବାଇଲ, ମାରଣାସ୍ତ୍ର ଜବତ



ଗତ ଫେବୃୟାରୀ ୬ ତାରିଖ ଚାନ୍ଦବାଲି ଅଞ୍ଚଳର ବ୍ୟବସାୟୀ ମହମ୍ମଦ ଆଦାମ୍‌ଙ୍କ ଡ୍ରାଇଭର ଅଜିତ ବିଶ୍ୱାଳ, ଜଗତପୁରରୁ ମାଲ୍ ନେଇ ଚାନ୍ଦବାଲି ଫେରୁଥିବା ବାଟରେ ନିଶ୍ଚିନ୍ତକୋଇଲି ଥାନା କଟରପଡା ନିକଟରେ ସ୍କୁଟିରେ ଦୁଇ ଜଣ ଯୁବକ ଆସି ତାଙ୍କ ପିକ୍‌ଅପ୍ ଗାଡିକୁ ଅଟକାଇ ଡ୍ରାଇଭରକୁ ଜବରଦସ୍ତ ସ୍କୁଟିରେ ବସାଇ ଏକ ନିଛାଟିଆ ସ୍ଥାନକୁ ନେଇ ତାଙ୍କ ପାଖରେ ଥିବା ୪୦ ହଜାର ଟଙ୍କା ନେଇଯାଇଥିବା ବେଳେ ଡ୍ରାଇଭରଙ୍କ ଫୋନ୍-ପେରେ ଥିବା ୩୩୦୦ ଟଙ୍କାକୁ ମଧ୍ୟ ନେଇଥିଲେ। ସେଠାରେ ଡ୍ରାଇଭରକୁ ଛାଡିଦେଇ ଦୁଇ ଯୁବକ ଫେରାର ହୋଇଯାଇଥିଲା ବେଳେ ଡ୍ରାଇଭର ଦେଖନ୍ତି ତ ପିକ୍ ଅପ୍ ଭ୍ୟାନ୍‌ଟି ସେଠାରେ ନାହିଁ। ଏ ସଂକ୍ରାନ୍ତରେ ଅଭିଯୋଗ କରାଯିବା ପରେ ୭ ତାରିଖ ଏହି ଘଟଣାରେ ସଂପୃକ୍ତ କିଶୋରନଗର ଥାନା ମଙ୍ଗଦେଇପୁର ଗ୍ରାମର ଦେବାଶିଷ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାପରେ ମଧ୍ୟ ଗତ ୨୬ ତାରିଖ ଏବଂ ଗତ ୨୮ ତାରିଖ ନିଶ୍ଚିନ୍ତକୋଇଲି ଥାନା ସମାନ ଢଙ୍ଗରେ ଦୁଇଟି ଘଟଣା ଘଟିଥିବା ବେଳେ ସାଲେପୁର ଥାନାଞ୍ଚଳରେ ମଧ୍ୟ ସେହିପରି ଗତ ୨୧ ତାରିଖରେ ଆଉ ଏକ ଘଟଣା ଘଟିଥିଲା। ଏହି ଘଟଣା ଘଟାଇବାର ମୁଖ୍ୟ ଆସାମୀ ପପୁ ସିଂ ଜଣାପଡିବା ପରେ ସ୍ୱତନ୍ତ୍ର ପୁଲିସ ଟିମ୍ ତାକୁ ଗିରଫ କରିଛି। ସାମ୍ବାଦିକ ସମ୍ମିଳନୀରେ ନିଶ୍ଚିନ୍ତକୋଇଲି ଆଇଆଇସି ଅନୀତା ସାହୁଙ୍କ ସମେତ ମାହାଙ୍ଗା ଓ କିଶୋରନଗର ଥାନା ଆଇଆଇସି ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ବ୍ଲକ୍‌ସ୍ତରୀୟ ଜନଶୁଣାଣି



ବଡମ୍ବା,୨।୩(ସମିସ): ବଡମ୍ବା ପଞ୍ଚାୟତସମିତି କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ଲୋକମାନଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। କାର୍ଯ୍ୟକ୍ରମରେ କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ କୁମାର ହୋତା, ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି, ପଞ୍ଚାୟତସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଥାନାଧିକାରୀ ପରମାନନ୍ଦ ନାୟକ ତଥା ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୧୫ ଅଭିଯୋଗ ମଧ୍ୟରୁ ୯୭ଟି ଅଭିଯୋଗ ବ୍ୟକ୍ତିଗତ ଓ ୧୮ଟି ସାମୂହିକ ଅଭିଯୋଗ ଥିବା ବେଳେ ଜିଲ୍ଲାପାଳ ୫ଟି ଅଭିଯୋଗର ତତ୍କାଳ ଫଏସଲା କରିଛନ୍ତି।

# ରାସ୍ତା କର୍ଦ୍ଦମାକ୍ତ; ପ୍ରଶାସନ ନିଦାବିଷ୍ଟ



ତ୍ରିଶୁଳିଆ,୨।୩(ସମିସ): ବାରଙ୍ଗ ବ୍ଲକ ଅନ୍ତର୍ଗତ କୁହ୍ନେଇଁପଡ଼ା ପଞ୍ଚାୟତ ଫକିରପଡ଼ା ଗ୍ରାମ ରାସ୍ତା ଉପରେ ପାଣି କାଦୁଅ ଜମି ରହିଥିବାରୁ ଲୋକମାନେ ହନ୍ତସନ୍ତ ହେଉଛନ୍ତି। ଉକ୍ତ ଗ୍ରାମରେ ଗତ ୨୦୧୬ ନଭେମ୍ବର ୧୨ ତାରିଖରେ ରାସ୍ତା ମରାମତି କାର୍ଯ୍ୟ ପାଇଁ ୨ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇ ଭିକାରୀ ସ୍ୱାଇଁ ଘରଠାରୁ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତା ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇଥିଲା। ଉକ୍ତ ରାସ୍ତାଟି ଏକ ଗଳି ରାସ୍ତା ସଦୃଶ ହୋଇଥିବାରୁ ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ରାସ୍ତା ଉପରେ ପାଣି କାଦୁଅ ଜମି ରହୁଛି। ଯାହାଫଳରେ ସେହି ରାସ୍ତା ଉପରେ ନିର୍ଭର କରି ଆସୁଥିବା ୮ଟି ପରିବାର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହୋଇଛି। ଏହାର ସ୍ଥାୟୀ ସ୍ଥାୟୀ ସମାଧାନ ପାଇଁ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବା ପାଇଁ ଛବି ସ୍ୱାଇଁ, କବି ସ୍ୱାଇଁ, ହୃଦାନନ୍ଦ ସ୍ୱାଇଁ, ଗୁଣ୍ଡିଚା ସ୍ୱାଇଁ, ରାଜୁଆ ହାତୀ, ସନ୍ତୋଷ ପଟ୍ଟନାୟକ, ରଞ୍ଜନ ମୁଦୁଲି, ଅକ୍ଷୟ ରାଉତ ପ୍ରମୁଖ ଦାବି କରିଛନ୍ତି।

# ପ୍ରମିଳାଦେବୀ ମେମୋରିଆଲ ଟ୍ରଷ୍ଟର ପୁରସ୍କାର ବିତରଣ



ନିଶ୍ଚିନ୍ତକୋଇଲି, ୨।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତ ହନୁପୁରଠାରେ ଥିବା ପ୍ରମିଳାଦେବୀ ମେମୋରିଆଲ ଟ୍ରଷ୍ଟର ବାର୍ଷିକ ପୁରସ୍କାର ବିତରଣୀ ସ୍ଥାନୀୟ ମେଲଣ ପଡିଆରେ ଦୋଳ ଉତ୍ସବରେ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟର ସଭାପତି ରାଜକିଶୋର ଜେନାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାଗୁଣୀ ଚରଣ ଲେଙ୍କା, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଶିକ୍ଷାବିତ୍ ଫକୀର ଚରଣ ନାୟକ, ସମ୍ମାନୀତ ଅତିଥି ଭାବେ କବି ସଚ୍ଚିଦାନନ୍ଦ ମିଶ୍ର, ଶ୍ରମ ଆୟୁକ୍ତ ବିଭାଗର ରାଜ୍ୟ ଯୁଗ୍ମ ଶ୍ରମ ଆୟୁକ୍ତ ବିଶ୍ୱଜିତ୍ ମହନ୍ତ ମହାପାତ୍ର, ଟ୍ରଷ୍ଟର ସଂପାଦକ ବିକାଶ ଚନ୍ଦ୍ର ଜେନା, ଅଶୋକ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷା ତଥା ଅନ୍ୟାନ୍ୟ କ୍ଷେତ୍ରରେ କୃତୀ ପ୍ରତିଭାମାନଙ୍କୁ ଟ୍ରଷ୍ଟ ପକ୍ଷରୁ ମାନପତ୍ର ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। କୃଷି ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଶୁଭେନ୍ଦୁ ମହନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରାତନ ବିଦ୍ୟାର୍ଥୀ ସମାବେଶ ଓ ଶିକ୍ଷକ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି,୨।୩(ସମିସ): ନିଶ୍ଚିନ୍ତକୋଇଲି ମୁଖ୍ୟାଳୟରେ ଥିବା ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୫ ମାଟ୍ରିକ୍ ବ୍ୟାଚ୍ ଛାତ୍ର ଛାତ୍ରୀମାନଙ୍କର ଏକ ସମାବେଶ ମଣିକ୍ରିଷ୍ଟ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପୁରାତନ ବିଦ୍ୟାର୍ଥୀମାନଙ୍କ ପକ୍ଷରୁ ତତ୍କାଳୀନ ସମୟରେ ସେମାନଙ୍କୁ ଶିକ୍ଷା ପ୍ରଦାନ କରିଥିବା ଗୁରୁ ପଞ୍ଚାନନ ଶତପଥୀ, ଅର୍ଜୁନୀ କର ଓ ରାମଚନ୍ଦ୍ର ସାହୁଙ୍କୁ ସମ୍ମାନ ସହ ପୂଜା କରାଯାଇ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁ ପୂଜନ ପରେ ବିଦ୍ୟାର୍ଥୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଶିକ୍ଷକମାନେ ଆଶୀର୍ବଚନ ପ୍ରଦାନ କରିଥିଲେ।

## ରାଜଦୋଳ ଓ ଅଗ୍ନି ଉତ୍ସବ

ଆଠଗଡ଼,୨।୩(ସମିସ): ସୋମବାର ପବିତ୍ର ଫାଲଗୁନ ଚତୁର୍ଦ୍ଦଶୀରେ ଗଡ଼ଜାତ ଅଞ୍ଚଳ ଆଠଗଡ଼ ସଦର ମହକୁମାରେ ପାରମ୍ପରିକ ରାଜଦୋଳ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ନିକଟସ୍ଥ ଗ୍ରାମରେ ପୂଜା ପାଉଥିବା ଦିଅଁମାନଙ୍କୁ ବାହକମାନେ ବିମାନରେ ବସାଇ ରାଧାଗୋବିନ୍ଦଙ୍କ ମନ୍ଦିରକୁ ବାହି ଆଣିଥିଲେ। ସେଠାରେ ସଦର ମହକୁମାରେ ପୂଜା ପାଉଥିବା ୯ ଦିଅଁଙ୍କ ବିମାନ ଗ୍ରାମାଞ୍ଚଳର ଦିଅଁଙ୍କ ସହ ଯଜ୍ଞନାରାୟଣ ମନ୍ଦିରକୁ ବିଜେ କରିଥିଲେ। ପୂର୍ବରୁ ପ୍ରାୟ ୫୦ ଦିଅଁଙ୍କ ବିମାନ ଆଠଗଡ ରାଜ ଦରବାରରେ ସମବେତ ହୋଇ ସେଠାରେ ଖଜା, ଚଣା ଭୋଗ ଲାଗି ହେଉଥିଲା। ରାଜ ଶାସନ ପରେ ଦିଅଁଙ୍କ ବିମାନ ରଘୁନାଥଙ୍କ ମନ୍ଦିର ସମ୍ମୁଖରେ ସମବେତ ହୋଇ ଭୋଗ ଖାଉଛନ୍ତି। ଚଳିତ ବର୍ଷ ୧୮ ଦିଅଁଙ୍କ ବିମାନ ଯଜ୍ଞ ନାରାୟଣ ମନ୍ଦିରଠାରୁ ରଘୁନାଥ ବଜାର ଛକଠାରେ ପହଞ୍ଚିବା ପରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ବିଳମ୍ବିତ ରାତିରେ ଛକ ଉପରେ ନଡ଼ା, କଞ୍ଚା ଡାଳ ଓ କାଠରେ ଅଗ୍ନି ସଂଯୋଗ କରାଯାଇଥିଲା।

## ଅମୁଣିଆସାହିରେ ବିଶ୍ୱଶାନ୍ତି ମହାଯଜ୍ଞ



ତିଗିରିଆ,୨।୩(ସମିସ): ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଅମୁଣିଆସାହିର ଆରାଧ୍ୟ ଠାକୁରାଣୀ ମା' ମଙ୍ଗଳାଙ୍କ ମନ୍ଦିରରେ ୪୮ ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ଆସନ୍ତା ୫ ତାରିଖ ଦିନ ପୂର୍ଣ୍ଣାହୁତି ହେବ ବୋଲି ଗ୍ରାମ୍ୟ କମିଟିର ସଭାପତି ଡକ୍ଟର ମନୋରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଗତକାଲି ଯଜ୍ଞର ପ୍ରଥମ ଦିବସରେ ପାରମ୍ପରିକ ରୀତିନୀତି ପରେ ଦ୍ୱିତୀୟ ଦିନରେ ମା'ଙ୍କ ପୀଠରେ ନୀତିକାନ୍ତି ସହ ନାମ ସଂକୀର୍ତ୍ତନ କରାଯାଇଥିଲା। ଆସନ୍ତାକାଲି ତୃତୀୟ ଦିନରେ ବିଶ୍ରାମ ରହିଥିବା ବେଳେ ବୁଧବାର ଚତୁର୍ଥ ଦିବସରେ ନଗର କୀର୍ତ୍ତନ, ସୂର୍ଯ୍ୟ ପୂଜା, ଗୋ ପୂଜା, ରାଧାକୃଷ୍ଣଙ୍କ ଷୋଡଶ ଉପଚାର ପୂଜା, ଗୀତା ପାଠ, ଆହୁତି ସହ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ରହିଛି।

## ଅଷ୍ଟପ୍ରହରୀ ମହୋତ୍ସବ ଉଦ୍‌ଯାପିତ

ଟାଙ୍ଗୀ,୨।୩(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ କଉଡିଆପଡା ଗ୍ରାମରେ ୨୬ତମ ଅଷ୍ଟପ୍ରହରୀ ନାମଯଜ୍ଞ ମହୋତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି। ତିନିଦିନିଆ କାର୍ଯ୍ୟକ୍ରମରେ ଅତିଥିଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସ୍ଥାନୀୟ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟ, ପ୍ରାକ୍ତନ ସରପଞ୍ଚ ପ୍ରବୀର ଦାଶ, ପବିତ୍ର ମହାନ୍ତି, ଦେବେନ୍ଦ୍ର ଜେଠୀଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କମଙ୍ଗ, ଗୁଆଳୀ, କାଞ୍ଜିଆ, ଉଆସ, ହଳଦୀବସନ୍ତ, ଗୁରୁଜଙ୍ଗ, ଛତାବର, ନାଣ୍ଡୁଆ ଓ ନେଳିଆ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। କର୍ତ୍ତା ଭାବେ ଏକାଦଶୀ ପାତ୍ର କାର୍ଯ୍ୟନିର୍ବାହ କରିଥିଲେ। ଗ୍ରାମର ଇନ୍ଦ୍ରମଣି ମହାରଣା, ଭ୍ରମରବର ପାତ୍ର, ଗୌରଙ୍ଗ ମାଝୀ, ମୁରଲୀଧର ମହାରଣା, କୈଳାସ ଚନ୍ଦ୍ର ବେହେରା, ତ୍ରିନାଥ ମହାରଣା, କାଳନ୍ଦୀ ମହାରଣା, ସୁରେନ୍ଦ୍ର ମହାରଣା, କେଶବ ପାତ୍ର, ଶ୍ରୀରାମ ମହାରଣା, ପର୍ଶୁରାମ ମହାରଣାଙ୍କ ସମେତ ଗ୍ରାମର ଯୁବ ସଂକୀର୍ତ୍ତନ ମଣ୍ଡଳୀ ସହଯୋଗ ସହ ଯୁବ ସମାଜସେବୀ ଗଙ୍ଗାଧର ବେହେରା ଧନ୍ୟବାଦ ଦେଇଥିଲେ।



## ଇରାନ ଉପରେ ଆକ୍ରମଣକୁ ନିନ୍ଦା




କଟକ,୨।୩(ସମିସ): ଇରାନ ଉପରେ ସାମ୍ରାଜ୍ୟବାଦୀ ଆମେରିକା-ଇସ୍ରାଏଲ ଦ୍ୱାରା ହୋଇଥିବା ସାମରିକ ଆକ୍ରମଣ ବିରୋଧରେ ଏସୟୁସିଆଇ(ସି) ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦର ଏକ ଅଂଶ ଭାବରେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏହି ସାମରିକ ଆକ୍ରମଣକୁ ପାର୍ଟି ପକ୍ଷରୁ ତୀବ୍ର ନିନ୍ଦା କରାଯିବା କରାଯାଇଛି। ଏସ୍‌ୟୁସିଆଇ(ସି)ର କଟକ ଜିଲ୍ଲା ଅଫିସ ସମ୍ପାଦକ ଖଗେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସଭାରେ ବସନ୍ତ ନାୟକ, ବବି ବଳବନ୍ତରାୟ, ସିଦ୍ଧାର୍ଥ ରଥ, ଭଗ୍ୟରବି ଦାସ, ସୌଭାଗ୍ୟ ସାମଲ, ବିନୋଦ ସେଠୀ, ଦୀପକ ଦାସ, ତରୁଣସେନ ନାୟକ, ଇଶା ଧର, ଅକ୍ଷୟ ରାଉଳ, ଶିବନୀ ସାହୁ, ସ୍ୱାଧୀନ ବେହେରା, ଆଇନଜୀବୀ ପ୍ରତାପଚନ୍ଦ୍ର ମିଶ୍ର, ଶୁଭସ୍ମିତା ସାହୁ, ଜୋତ୍ସ୍ନାରାଣୀ ଦାସ, ସଚ୍ଚିଦଂଜନ ବେହେରା, ସୁଜାତା ମହାପାତ୍ର ଉଦବୋଧନ ଦେଇଥିଲେ।

# ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କୁ ବେଷ୍ଟ ଏଜୁକେସ୍‌ନାଲ ଲିଡରସିପ୍ ଆୱାର୍ଡ



କଟକ,୨।୩(ସମିସ): ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଶିକ୍ଷାଦାନକୁ ସମାଜ ଗଠନର ଏକ ପବିତ୍ର ବ୍ରତ ଭାବେ ଗ୍ରହଣ କରିଆସୁଥିବା ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କୁ ବେଷ୍ଟ ଏଜୁକେସନାଲ ଲିଡରସିପ ଆୱାଡର୍ ପ୍ରଦାନ କରାଯାଇଛି। ଶିକ୍ଷାର ଉନ୍ନତିକୁ ଜୀବନର ଅମୂଲ୍ୟ ସମ୍ପଦ ଭାବେ ଗ୍ରହଣ କରି ଏପିବି ଏଜୁକେସନ୍‌ର ପ୍ରତିଷ୍ଠାତା ମାନେଜିଂ ଟ୍ରଷ୍ଟି ଭାବେ ୨୦୧୧ରୁ ଏପିବି ଇଣ୍ଟରନ୍ୟାସନାଲ ସ୍କୁଲ ମାଧ୍ୟମରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଉପରୋକ୍ତ ମର୍ଯ୍ୟାଦାଜନକ ପୁରସ୍କାର ଦିଆଯାଇଛି। 'ସମୟ କନକ୍ଲେଭ୍' ଷଷ୍ଠ ସଂସ୍କରଣରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ପରିବେଶ ସୁରକ୍ଷା ଓ ସାମାଜିକ ଦାୟିତ୍ୱବୋଧତାକୁ ନେଇ ବିତର୍କରେ ମୁଖ୍ୟଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଶିଷ୍ଟ ଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମୁଖ୍ୟବକ୍ତା ଜିନ୍ଦଲର ଗ୍ରୁପ୍ ହେଡ୍ ପ୍ରଶାନ୍ତ କୁମାର ହୋତା, ସମ୍ ଅଲ୍ଟିମେଟ୍ ଭେଷଜ ମୁଖ୍ୟ ଡାକ୍ତର ଶ୍ରୀକାନ୍ତ କୁମାର ଧର, ସମୟ ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ, ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି, ସମୟ ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ପ୍ରମୁଖ ଅତିଥି ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଚୌଧୁରୀ ଶ୍ରୀମତୀ ମିଶ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରୁ ଆଇନ ଶିକ୍ଷା ଅଧ୍ୟୟନ କରି ଜ୍ଞାନ ଓ ନ୍ୟାୟବୋଧର ଏକ ଅଦ୍ୱିତୀୟ ସମନ୍ୱୟ ଦ୍ୱାରା ଶିକ୍ଷାକୁ ବ୍ୟାପକ କରିଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସଂସ୍କାରମୂଳକ ଶିକ୍ଷା ମାଧ୍ୟମରେ ମେଧାବୀ ବିଦ୍ୟାର୍ଥୀ ସୃଷ୍ଟି କରିବାରେ ପ୍ରୟାସ ଜାରି ରଖିଛି। ଏପିବି ଇଣ୍ଟରନେସନାଲ ସ୍କୁଲ ପ୍ରତ୍ୟେକ ଶିଶୁଙ୍କୁ କେବଳ ପାଠ ନୁହେଁ, ଜୀବନକୁ ଠିକ୍ ଢଙ୍ଗରେ ଗଢ଼ି ତୋଳିବାର କଳା ଶିଖାଇ ଆସୁଛି।

# ସସ୍ମିତା ପଟ୍ଟନାୟକଙ୍କୁ ଲାଇଫ୍‌ଟାଇମ୍ କମିଟ୍‌ମେଣ୍ଟ ଆୱାର୍ଡ

କଟକ,୨।୩ (ସମିସ): ବିଶିଷ୍ଟ ଶିକ୍ଷାବିତ, ସମର୍ପିତ ସମାଜସେବୀ ଓ ନାରୀଶକ୍ତିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଟେଟ୍ରାହେଡ୍ରନ ଗ୍ରୁପର ଟ୍ରଷ୍ଟି ସସ୍ମିତା ପଟ୍ଟନାୟକଙ୍କୁ ମିଳିଛି ଓମେନ୍ ଅଫ ହ୍ୟୁମାନିଟାରିଆନ ଏକ୍ସସେଲେନ୍ସି: ଲାଇଫଟାଇମ୍ କମିଟ୍‌ମେଣ୍ଟ ଆୱାର୍ଡ଼। 'ସମୟ କନକ୍ଲେଭ୍' ଷଷ୍ଠ ସଂସ୍କରଣରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ପରିବେଶ ସୁରକ୍ଷା ଓ ସାମାଜିକ ଦାୟିତ୍ୱବୋଧକୁ ନେଇ ବିତର୍କ ପ୍ରତିଯୋଗିତାରେ ମୁଖ୍ୟଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଶିଷ୍ଟ ଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମୁଖ୍ୟବକ୍ତା ଜିନ୍ଦଲର ଗ୍ରୁପ୍ ହେଡ୍ ପ୍ରଶାନ୍ତ କୁମାର ହୋତା, ସମ୍ ଅଲ୍ଟିମେଟ୍ ଭେଷଜ ମୁଖ୍ୟ ଡାକ୍ତର ଶ୍ରୀକାନ୍ତ କୁମାର ଧର, ସମୟ ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ, ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି, ସମୟ ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ରଙ୍କ ଉପସ୍ଥିତିରେ ଡ଼କ୍ଟର ସସ୍ମିତା ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।



ନୟାଗଡ଼ ଜିଲ୍ଲା ଘଡୁଆଳରେ ଜନ୍ମିତ ଅରକ୍ଷିତ ପଟ୍ଟନାୟକଙ୍କ କନ୍ୟା ସସ୍ମିତା ରେଭେନସା ବିଶ୍ୱବିଦ୍ୟାଳୟରୁ ଏମଏସସି, ଏମଫିଲ ଓ ରସାୟନ ଶାସ୍ତ୍ରରେ ପିଏଚଡି ଡିଗ୍ରୀ ଅର୍ଜନ କରିବା ସହ ଆରଏନଟି କଟକରୁ ବ୍ୟାଚଲର ଇନ୍ ଏଡୁକେସନ୍ ଡିଗ୍ରୀ ଲାଭ କରି ଅଧୁନା ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ରସାୟନ ଶାସ୍ତ୍ରର ଅଧ୍ୟାପିକା ଭାବେ କାର୍ଯ୍ୟକରୁଛନ୍ତି। ବାରୁଣିଡିହା ରାଜକନିକା ଅଞ୍ଚଳର ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଏଜୁକେସନର ପ୍ରତିଷ୍ଠାତା ତ୍ରିଦେବ ସାର୍‌ଙ୍କୁ ସେ ବିବାହ କରି ଏଥିରେ ଜଣେ ଟ୍ରଷ୍ଟି ଭାବେ ଦାୟିତ୍ୱ ତୁଲାଉଛନ୍ତି ଡକ୍ଟର ସସ୍ମିତା। ସେଣ୍ଟ୍ରାଲ ରେଡକ୍ରସ୍ ବ୍ଲଡ଼ ସେଣ୍ଟରରେ ସଚେତନ କମିଟି ସଦସ୍ୟା ଭାବେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କର ଅପୂର୍ବ ସେବା ଓ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ସେ ଅନେକ ଗରିମାମୟ ସମ୍ମାନ ବ୍ଲଡ଼ ହିରୋ ଆୱାର୍ଡ଼, ଓଡ଼ିଶା ସେବାଶ୍ରି ସମ୍ମାନ, ସେବା ରତ୍ନ ଆୱାର୍ଡ଼, ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ, ରାଜ୍ୟପାଳ ସମ୍ମାନ (ୱାଇଆରସି କାଉନସେଲର, ଉତ୍କଳ ପ୍ରତିଭା ସମ୍ମାନ, ଝାନ୍ସୀ ରାଣୀ ଲକ୍ଷ୍ମୀବାଇ ସମ୍ମାନ ପାଇଛନ୍ତି।

# ଦୁର୍ଘଟଣାରେ ଗୁରୁତର ଛାତ୍ରଙ୍କ ମୃତ୍ୟୁ



**ଟାଙ୍ଗୀ,୨।୩(ସମିସ):** ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଏକ ଘରୋଇ ଶିକ୍ଷାନୁଷ୍ଠାନର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ତଥା ଯାଜପୁର ସଦର ଥାନା ସାହାସପୁର ବାସିନ୍ଦା ଚିତ୍ତରଞ୍ଜନ ସେନାପତିଙ୍କ ପୁତ୍ର ସୌମ୍ୟରଞ୍ଜନ (୧୮) ସୋମବାର ଆଖି ବୁଜିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ ସୌମ୍ୟରଞ୍ଜନ ଟାଙ୍ଗୀସ୍ଥିତ ଏକ ଘରୋଇ ବିଜ୍ଞାନ କଲେଜର ଯୁକ୍ତ ୨ ବିଜ୍ଞାନ ଶେଷ ବର୍ଷ ଛାତ୍ର ଥିଲେ। ବାର୍ଷିକ ପରୀକ୍ଷା ଚାଲୁଥିବା ବେଳେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ସାଙ୍ଗମାନଙ୍କ ସହ ଚା' ପିଇବାକୁ ଶିକ୍ଷାନୁଷ୍ଠାନ ବାହାରକୁ ଆସିଥିଲେ। ଫେରିବା ବାଟରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ସୌମ୍ୟ ଗୁରୁତର ହୋଇଥିଲେ। ସାଙ୍ଗସାଥୀ ତାଙ୍କୁ ଉଦ୍ଧାରକରି ତୁରନ୍ତ ଚିକିତ୍ସା ନିମନ୍ତେ ସ୍ଥାନୀୟ ପଦ୍ମିନୀ କେୟାର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ପରିବାର ଲୋକେ ସୌମ୍ୟଙ୍କୁ ଫୁଲନଖରାସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଡାକ୍ତର ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ସୋମବାର ପୂର୍ବାହ୍ନରେ ସୌମ୍ୟଙ୍କ ମୃତ୍ୟୁ ଘଟିଥିଲା। ତେବେ ହଷ୍ଟେଲରେ ରହୁଥିବା ଏକାଧିକ ଛାତ୍ରଙ୍କ ସହ ସୌମ୍ୟ ବିଳମ୍ବିତ ରାତିରେ ଶିକ୍ଷାନୁଷ୍ଠାନ ବାହାରକୁ କିପରି ଆସିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତ ସୌମ୍ୟଙ୍କ ପିତା ଚିତ୍ତରଞ୍ଜନ ଓ ପରିବାର ବର୍ଗ ଟାଙ୍ଗୀ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିବା ଓ ଆବଶ୍ୟକ ହେଲେ ରାଜରାସ୍ତାକୁ ଓହ୍ଲାଇବା କଥା ଗଣମାଧ୍ୟମକୁ କହିବା ସାଧାରଣରେ ଚର୍ଚ୍ଚାକୁ ଆସିଛି।

# ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ; ରାସ୍ତା ଅବରୋଧ

**ନରସିଂହପୁର,୨।୩(ସମିସ):**

ନରସିଂହପୁର ବ୍ଲକ କାନପୁର ଥାନା ବାଗଧରିଆ-ଏକଡାଳ ରାସ୍ତାର ପାଇକବାରବାଟି ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ସୋମବାର ସାଇକଲରେ ଶାଗ ବିକିବାକୁ ଆସୁଥିବା ଜଣେ ବୃଦ୍ଧ ଦୟାନିଧି ରାଉତ (୭୦)ଙ୍କ ମୃତ୍ୟୁ ହୋଇଛି। ଦୟାନିଧିଙ୍କ ମୃତ୍ୟୁକୁ ନେଇ ଉତ୍ତ୍ୟକ୍ତ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ରାସ୍ତାରେ ଦୁର୍ଘଟଣା, ରାହାଜାନୀ, ଛିନତାଇ ପରି ଘଟଣା ଘଟୁଥିବା ବେଳେ ପୁଲିସ ନିରବଦ୍ରଷ୍ଟା ସାଜିଛି ବୋଲି ଅଭିଯୋଗ କରିଛନ୍ତି। ଏକଡାଳ ଗ୍ରାମର ଦୟାନିଧି ସବୁଦିନ ପରି ଶାଗ ବିକ୍ରି କରିବା ପାଇଁ ପାଇକବାରବାଟି ଗ୍ରାମକୁ ଆସିଥିଲେ। ଘରକୁ ଫେରୁଥିବା ବେଳେ ବାଗଧରିଆ-



ଏକଡାଳ ମୁଖ୍ୟରାସ୍ତାର ପାଇକବାରବାଟି ଗ୍ରାମର ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଏକଡାଳରୁ ବଡମ୍ବା ଆଡକୁ ଆସୁଥିବା ବେଳେ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ବେଳେ ଟ୍ରକ୍ ଏବଂ ଡ୍ରାଇଭରଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଏକଡାଳ ଗ୍ରାମବାସୀ ପରିବାର ଲୋକଙ୍କ ସହ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ପୁଲିସ ବୁଝାସୁଝା କରିବା ସହ ଛଅ ଘଣ୍ଟା ପରେ ପ୍ରଶାସନର ପକ୍ଷରୁ ମୃତକ ପରିବାରକୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା। କାନପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଉକ୍ତ ଶବକୁ ବ୍ୟବଚ୍ଛେଦ ପାଇଁ ବଡମ୍ବା ଡାକ୍ତରଖାନାକୁ ପଠାଇବା ସହ ଟ୍ରକ ଓ ସାଇକଲକୁ ଜବତ କରିଛି।

# କଣ୍ଟାପଡ଼ା ବ୍ଲକ୍ ଆନ୍ଦୋଳନ ପ୍ରତ୍ୟାହୃତ



**କଣ୍ଟାପଡ଼ା,୨।୩(ସମିସ):** କଣ୍ଟାପଡ଼ା ବ୍ଲକରେ ଅଧପନ୍ତରିଆ ହୋଇ ପଡ଼ିଥିବା ଉନ୍ନୟନ କାର୍ଯ୍ୟ ଶେଷ ନ କରି ନୂତନ କାର୍ଯ୍ୟ ଆରମ୍ଭ କରିବା ଏବଂ ପଞ୍ଚାୟତସମିତି ଦ୍ୱାରା ପାରିତ ପ୍ରସ୍ତାବକୁ କାର୍ଯ୍ୟକାରୀ ନ କରିବା ପ୍ରତିବାଦରେ ଉଭୟ ବିଜେପି ଓ ବିଜେଡି ସମର୍ଥିତ ନିର୍ବାଚିତ ଜନପ୍ରତିନିଧି ବ୍ଲକ ପରିସରରେ ଆଜକୁ ୧୩ ଦିନ ଧରି ଚଳାଇଥିବା ଦିବାରାତ୍ର ଗଣଧାରଣା ଆଜି ପ୍ରତ୍ୟାହାର କରି ନେଇଛନ୍ତି। ସୋମବାର ମଧ୍ୟାହ୍ନରେ କଟକ ଉପଜିଲ୍ଲାପାଳ ଧାରଣାସ୍ଥଳରେ ପହଞ୍ଚି କଣ୍ଟାପଡା ବିଡିଓଙ୍କ ଉପସ୍ଥିତିରେ ଧାରଣାରତ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଜନପ୍ରତିନିଧିଙ୍କ ଦାବିକୁ ଯଥାସମ୍ଭବ ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଏହି ଧାରଣା ପ୍ରତ୍ୟାହୃତ ହୋଇଛି।

# ପମ୍ପ୍‌ହାଉସ୍‌ରେ ଭଙ୍ଗାରୁଜା; ଫରେଷ୍ଟରଙ୍କ ବଦଳି ଦାବି



**କଣ୍ଟାପଡା,୨।୩(ସମିସ):** ଗୋବିନ୍ଦପୁର ଥାନା ପୋଷ୍ଟଳ ପଞ୍ଚାୟତ ରହମ୍ବାଠାରେ ବନବିଭାଗ ପକ୍ଷରୁ ଲଗାଯାଇଥିବା ୧୦ ହଜାର ଚାରା ପାଇଁ ଗ୍ରାମବାସୀ ଓ ବନବିଭାଗ ମିଳିତ ଉଦ୍ୟମରେ ଏକ ବୋରୱେଲ ମାଧ୍ୟମରେ ମୋଟରପମ୍ପ ଲଗାଯାଇ ଜଳସେଚନ ବ୍ୟବସ୍ଥା କରାଯାଇଥିଲା। ଏହାକୁ ଗତକାଲି ମଧ୍ୟାହ୍ନରେ ଫରେଷ୍ଟର ବନଜା ମହାପାତ୍ର ଏକ ଜେସିବି ସାହାଯ୍ୟରେ ଭାଙ୍ଗି ବୋରୱେଲକୁ ଉପାଡି ଦେଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହାର କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନଥିବା ପ୍ରତିବାଦରେ ଫରେଷ୍ଟରଙ୍କ ବଦଳି ଦାବି କରିଛନ୍ତି ଗ୍ରାମବାସୀ। ଏନେଇ ଫୁଲନଖରା ରେଞ୍ଜରଙ୍କୁ ଫୋନ୍ ଯୋଗେ ଜଣାଇବାରୁ ରେଞ୍ଜର ମୌସୁମୀ ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ଛୁଟି ଦିନରେ କାହା ଅନୁମତିରେ ଏଠାକୁ ଆସି ଏଭଳି କାର୍ଯ୍ୟ କରୁଛ ବୋଲି ପଚାରିବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଗ୍ରାମବାସୀ ନଛୋଡ଼ବନ୍ଧା ହେବାରୁ ଫରେଷ୍ଟର ଏହାର ନିର୍ମାଣ କରିବା ପାଇଁ ଲିଖିତ ଭାବେ ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ହେଲେ ଗତକାଲି ଫରେଷ୍ଟର ଲିଖିତ ଦେବା ପରେ ମଧ ଆଜି ପୁନର୍ନିର୍ମାଣ ନ କରିବାରୁ ଫରେଷ୍ଟରଙ୍କ ବଦଳି ଦାବି କରି ପୋଷ୍ଟଳ ସରପଞ୍ଚ ସସ୍ମିତ ଶାସେନୀଙ୍କ ସମେତ ଗ୍ରାମବାସୀ ରେଞ୍ଜରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଫରେଷ୍ଟର ଉତ୍ତର ଦେଇ ନଥିଲେ। ଏ ବିଷୟରେ ରେଞ୍ଜର ଶ୍ରୀମତୀ ବେହେରା କହିଛନ୍ତି, ସେ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ।

# ଦୋଳଉତ୍ସବ ପାଇଁ ପଦ୍ମବନ ଉତ୍ସବ ମୁଖର

**ନେମାଳ,୨।୩ (ସମିସ):** ଚଳିତ ବର୍ଷ ଦୋଳ ପୂର୍ଣିମାରେ ଚଳଚଞ୍ଚଳ ହୋଇଛି ନେମାଳ ପଦ୍ମବନ। ଆଜି ସନ୍ଧ୍ୟାରେ ଗୋପାଳ ଭାଇ କୁମ୍ଭ, କଳସି ଓ କାନ୍ଧରେ ବାଉଙ୍ଗୀ ସାହାଯ୍ୟରେ ପ୍ରଥମେ ମା' ଜାଗୁଳାଇ ପୀଠ ଦେଇ ଚିତ୍ରପ୍ରୋଳା ନଦୀରେ କୁମ୍ଭ ବୁଡ଼ାଇ ଗୋପାଳମାନେ ସାଙ୍ଗ ହୋଇ କଳସ ଭାର ନେଇ ପୀଠରେ ପୂଜାର୍ଚ୍ଚନା କରିଥିଲେ। ଗାଁ ମୁରବୀ ଗୋବିନ୍ଦଚନ୍ଦ୍ର ଦାସ, ପଣ୍ଡିତ ଶତ୍ରୁଘନ ଦାସ, ବଟକୃଷ୍ଣ ଦାସ, ଦିଜବର ଦାସ, ହେମନ୍ତ କୁମାର ଦାସ, ପ୍ରତାପଚନ୍ଦ୍ର ଦାସ, ସୁନାକର ଦାସ ଓ ଯାଦବ ମହାସଭାର ସମ୍ପାଦକ ପ୍ରସାଦ ଦାସ ଯୋଗ ଦେଇଥିଲେ। ନେମାଳ ଯାଦବ ପଦ୍ମବନ ପୀଠ ଯାଦବ ମହାସଭା ତରଫରୁ ପୂର୍ଣିମାଠାରୁ ୫ଦିନ ଧରି ରାଜ୍ୟସ୍ତରୀୟ ଲଉଡ଼ି ଉତ୍ସବ ଅନୁଷ୍ଠିତ ହେବ। ଏଥିରେ କଟକ, ଯାଜପୁର, ଢେଙ୍କାନାଳ, ପୁରୀ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଗୋପାଳମାନେ ଯୋଗ ଦେବେ ବୋଲି ପଦ୍ମବନ ଯାଦବ ମହାସଭା ସଭାପତି ସୂଚନା ଦେଇଛନ୍ତି।



# ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




**ଚୌଦ୍ୱାର,୨।୩(ସମିସ):** ଚୌଦ୍ୱାର ଥାନା ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ବରାହୀପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ମହାନ୍ତିଙ୍କୁ ଅବସରକାଳୀନ ବିଦାୟସମ୍ବର୍ଦ୍ଧନା ଅର୍ପଣ କରାଯାଇଛି। ପୂର୍ବତନ ସିଆସିସି ପ୍ରଭାକର ପ୍ରଧାନଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆରସିସି ବାବନ ଚରଣ ବୋଇ, ଅର୍ଣ୍ଣପୂର୍ଣ୍ଣା ମହାନ୍ତି, ପରମାନନ୍ଦ ବରାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଗ୍ରାମବାସୀଙ୍କ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ୍ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବା ସହିତ ଶ୍ରୀମତୀ ମାହାନ୍ତିଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ବିଦାୟ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା।

# ଏଚ୍‌ପିଭି ଟୀକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ



**ତିଗିରିଆ,୨।୩(ସମିସ):** ହ୍ୟୁମାନ ପାପିଲୋମା ଭାଇରସ ଯାହାକି ବିଭିନ୍ନ ପ୍ରକାରର କର୍କଟ ରୋଗର କାରଣ ହୋଇଥାଏ, ଏହାର ନିରାକରଣ ପାଇଁ ରବିବାରଠାରୁ ତିଗିରିଆ ବ୍ଲକରେ ୧୪ବର୍ଷର ଯୁବତୀମାନଙ୍କୁ ଏଚପିଭି ଟୀକା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ତଥା ବ୍ଲକ ମେଡ଼ିକାଲ ଅଫିସର ଡାକ୍ତର ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ, ବିଶିଷ୍ଟ ଅତିଥି ଭାବେ ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ଜେନା, ସମ୍ମାନିତ ଅତିଥି ଭାବେ ଡାକ୍ତର ଦୀପକ କୁମାର ଜେନା, ଡାକ୍ତର ପ୍ରିୟଦର୍ଶିନୀ ଷଡଙ୍ଗୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୋଟ ୩୨ ଜଣ ୧୪ କିମ୍ବା ୧୫ ବର୍ଷର ଯୁବତୀଙ୍କୁ ଏହି ଟୀକା ପ୍ରଦାନ କରାଯାଇଥିଲା। ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ସ୍ୱାସ୍ଥ୍ୟ କର୍ମୀ ରଶ୍ମିରଞ୍ଜନ ସ୍ୱାଇଁ, ଜଲାସ୍ମିନ ରଣାଙ୍କ ସମେତ ଆଶା ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

# ବ୍ରହ୍ମକ୍ଷେତ୍ରରେ ଦୋଳ ମେଲଣ ଓ ହରିହର ଭେଟ

**ନିଶ୍ଚିନ୍ତକୋଇଲି,୨।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠ ମେଲଣ ପଡିଆରେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ଦୋଳ ମେଲଣ ମହାସମାରୋହରେ ପାଳିତ ହୋଇଛି। ବିଭିନ୍ନ ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ ବିମାନ ମହାପଟୁଆରେ ଆସି ମେଲଣ ମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ଏହାପରେ ମ୍ୟାନେଜିଂ ଟ୍ରଷ୍ଟୀ ଧୀରେନ୍ଦ୍ରନାଥ ବେହେରାଙ୍କ ପୌରୋହିତ୍ୟରେ ଏକ ଦେବସଭାରେ ଗାଦିର ମାଲିକ ଓ ମାର୍ଫତଦାର ଯୋଗ ଦେଇଥିଲେ। ଏହି ମେଲଣରେ ହରିହରଙ୍କ ଭେଟ ହୋଇଥିବାରୁ ବହୁ ଭକ୍ତ ଉପସ୍ଥିତ ହୋଇ ସାନ୍ନିଧ ଲାଭ କରିଥିଲେ। ଶ୍ରୀ ଜୀଉଙ୍କ ପୂଜକ ବନବିହାରୀ ମିଶ୍ର ଓ ମୁଖ୍ୟ ବଡପଣ୍ଡା ହେମନ୍ତ କୁମାର ପଣ୍ଡାଙ୍କ ଦ୍ୱାରା ଏକ ମହାଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିମାନରେ ଅଧିଷ୍ଠିତ ଦେବାଦେବୀମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ ପୂର୍ବକ ମାଟିହାଣ୍ଡି ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ମେଲଣରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ପରିବେଷଣ କରାଯାଇଥିଲା। ଟ୍ରଷ୍ଟବୋର୍ଡର ସଭ୍ୟ ରାଜେନ୍ଦ୍ର ମୋହନ କର, ଜ୍ୟୋତିରଂଜନ ସ୍ୱାଇଁ, ଠାକୁରଙ୍କ ତହସିଲଦାର ଅଚ୍ୟୁତାନନ୍ଦ ସ୍ୱାଇଁଙ୍କ ସମେତ ସମସ୍ତ ପୂଜାପଣ୍ଡା, ନାଜିମନ୍ତ ଓ ସେବକମାନେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଉଚ୍ଚପଦା ପଞ୍ଚାୟତରେ ଜଣ୍ଡିସ ବ୍ୟାପୁଛି

**ଟାଙ୍ଗୀ,୨।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ କଡ଼େଇ, ମଣିଆଁ ଓ ଉଚ୍ଚପଦା ଗ୍ରାମରେ ଜଣ୍ଡିସ ବ୍ୟାପିବାରେ ଲାଗିଛି। କଡ଼େଇ ଗ୍ରାମର ଆଠ ଜଣ ଛାତ୍ରଛାତ୍ରୀ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିକିତ୍ସା କରାଯାଉଥିଲେ ମଧ୍ୟ ଜଣ୍ଡିସ କମିବାରେ ନାଁ ଧରୁନି। ସରକାରଙ୍କ ପକ୍ଷରୁ ବସାଯାଇଥିବା ନଳକୂପ ଜଳ ପ୍ରଦୂଷଣ ପାଇଁ ଜଣ୍ଡିସ ବ୍ୟାପୁଥିବା ବୁଦ୍ଧିଜୀବୀ ଦାବି କରୁଛନ୍ତି। ସରକାରଙ୍କ ପକ୍ଷରୁ କୌଣସି ନଳକୂପ ମରାମତି ନହେବା ଏବଂ ଅନ୍ୟ କୂପରେ ବ୍ଲିଚିଂ ନପଡ଼ିବା ଦ୍ୱାରା ଜଣ୍ଡିସ ବ୍ୟାପୁଛି। ଏଥିପାଇଁ ସରକାର ଗ୍ରାମରେ ଥିବା ସମସ୍ତ ନଳକୂପ ଓ ଅନ୍ୟାନ୍ୟ କୂପ ମରାମତି ସହ ବ୍ଲିଚିଂ ପକାଇବା ସହ ଜଣ୍ଡିସ ନିରାକରଣ ପାଇଁ ଗ୍ରାମର ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ଶିବିର ସହ ସଚେତନ କରିବା ପାଇଁ ଆଇନଜୀବୀ କଳିଙ୍ଗ କେଶରୀ ମହାନ୍ତି ଓ ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ସାହୁ ଦାବି କରିଛନ୍ତି।

**● ପ୍ରଧାନଶିକ୍ଷକ ନିଲମ୍ବନ ଘଟଣା**

# ୯ ଦିନ ପରେ ବିଦ୍ୟାଳୟ ଆସିଲେ ଛାତ୍ରଛାତ୍ରୀ

**ମାହାଙ୍ଗା,୨।୩(ସମିସ):** ମାହାଙ୍ଗା ପଞ୍ଚାୟତ ଅନ୍ତର୍ଗତ ଯସୁଆପୁରସ୍ଥିତ ଗୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଦୀର୍ଘ ୯ଦିନ ପରେ ସ୍ୱାଭାବିକ ଅବସ୍ଥାକୁ ଫେରିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ହସ୍ତକ୍ଷେପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ସିଂ, ବରିଷ୍ଠ ନାଗରିକ ସୁନାକର ସିଂ, ୱାର୍ଡସଭ୍ୟ ମାତୃପ୍ରସାଦ ସିଂ, ଇଂ ଦିଲୀପ କୁମାର ସିଂ, ଖଗେଶ୍ୱର ସିଂଙ୍କ ଉଦ୍ୟମରେ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ବୁଝାସୁଝା କରି ପିଲାମାନଙ୍କୁ ବିଦ୍ୟାଳୟରେ ପହଞ୍ଚାଇଥିଲେ ଓ ସ୍ୱାଭାବିକ ଭାବେ ଶିକ୍ଷା ଦାନ କରାଯାଇଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ମୋଟ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ୨୮ ଥିଲା ବେଳେ ଆଜି ପ୍ରାୟ ୧୪ ଜଣ ଛାତ୍ର ଛାତ୍ରୀ ବିଦ୍ୟାଳୟକୁ ଆସିଥିଲେ। ଅବଶିଷ୍ଟ ପିଲାମାନେ କିପରି ବିଦ୍ୟାଳୟକୁ ଆସିବେ ସେଥିପାଇଁ କମିଟି ଓ ଗ୍ରାମବାସୀ ବୁଝାବୁଝି କରୁଥିବା ଅଞ୍ଚଳର ବରିଷ୍ଠ ନାଗରିକ ଶ୍ରୀ ସିଂ ସୂଚନା ଦେଇଛନ୍ତି। ଆସନ୍ତା ୬ତାରିଖରେ ବିଦ୍ୟାଳୟର ବାର୍ଷିକ ପରୀକ୍ଷା ଆରମ୍ଭ ହେବାକୁ ଥିଲା ବେଳେ ସମସ୍ତ ଛାତ୍ରଛାତ୍ରୀ କିଭଳି ଆସି ପରୀକ୍ଷା ଦେବେ ସେଥିପାଇଁ ସମସ୍ତ ଉଦ୍ୟମ ଜାରି ରହିଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶଚନ୍ଦ୍ର ଦେହୁରୀଙ୍କୁ ଏଠାରେ ପୁନଃ ଅବସ୍ଥାପିତ କରାଗଲେ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡିବୁ ବୋଲି କେତେକ ଅଭିଭାବକ କହିଥିଲେ। ସୂଚନାଯୋଗ୍ୟ ସ୍ଥାନୀୟ ବିଧାୟକ ଆସନ୍ତା ୫ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ବେଳେ ୫ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ନ ହେଲେ ପୁଣି ଫାଟକରେ ତାଲା ପଡ଼ିବ ବୋଲି ସ୍ଥାନୀୟ ମହିଳା ଚେତାବନୀ ଦେଇଛନ୍ତି।

**ଟାଙ୍ଗୀରେ ଦୋଳ ମେଲଣ**

# ମଦନମୋହନଜୀଉଙ୍କ ବିମାନ କାନ୍ଧେଇଲେ 'ଡ୍ରିମ୍ସ' ଅଧ୍ୟକ୍ଷ

**କଟକ/ଟାଙ୍ଗୀ,୨।୩(ସମିସ):**





ଟାଙ୍ଗୀର ପ୍ରସିଦ୍ଧ ତଥା ପୁରାତନ ଦୋଳ ମେଲଣ ସୋମବାର ଅରାଧ୍ୟା ମା' ହାଟଚଉରାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମଦନମୋହନଜୀଉଙ୍କ ବିମାନ ସଂକୀର୍ତ୍ତନ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସହ ମେଲଣ ଚାଚେରୀରେ ବିଜେ କରିଥିଲେ। ପରେ ବିଭିନ୍ନ ଗ୍ରାମର ପୀଠ ଓ ମଠରୁ ବିମାନ ଆସି ଏକତ୍ରିତ ହୋଇଥିଲେ। ପ୍ରଭୁ ଝାଡ଼େଶ୍ୱରଙ୍କ ବିମାନ ମେଲଣରେ ସାମିଲ ହେବା ପରେ ହରିହର ଭେଟ ହୋଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ମଦନମୋହନଜୀଉଙ୍କ ବିମାନ କାନ୍ଧେଇଥିଲେ। କୋଟେଶ୍ୱର କଲ୍ୟାଣ ସମିତି ସମ୍ପାଦକ ଶୁଭେନ୍ଦ୍ରନାଥ ଷଡଙ୍ଗୀ, ବାବାଜୀ ମହାନ୍ତି, ସୁକୁମାର ମହାରଣା, ଲକ୍ଷ୍ମୀଧର ଗାହାଣ, ରବିନ୍ଦ୍ରନାଥ ମଲ୍ଲିକ, ନାରାୟଣ ସ୍ୱାଇଁ, କୋଟସାହି ସରପଞ୍ଚ ସୁମନପ୍ରଭା ସାହୁ, ରାଜକିଶୋର ସାହୁ, ଅନନ୍ତ ମହାନ୍ତି, ଶ୍ରୀକାନ୍ତ ସାହୁ, ଆଷଲାକ ଦାଶ, ରଂଜନ ଷଡଙ୍ଗୀ, ଆକାଶ ପାତ୍ର, ରମେଶ ବେହେରା, ଦୈତାରୀ ସାହୁ, ସିଲୁ ଖୁଣ୍ଟିଆଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁମାନେ ମା' ହାଟ ଚଉରାଙ୍କୁ ଦର୍ଶନ, ଦୀପଦାନ ସହ ବିମାନରୂଢ ଠାକୁରଙ୍କୁ ଅବିର ଓ ଭୋଗ ଲାଗି ହୋଇଥିଲା। ମେଳଣରେ ବିପୁଳ ଜନସମାଗମ ହୋଇଥିଲା।

ଅନ୍ୟପକ୍ଷରେ, ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ହାଟେଶ୍ୱରୀ ମନ୍ଦିର ସମ୍ମୁଖରେ ସୋମବାର ଦୋଳ ମେଲଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମଦନମୋହନ ସାହି ଥାନପତିଙ୍କ ଆହ୍ୱାନକ୍ରମେ ଟାଙ୍ଗୀ ଚୌଦ୍ୱାର ବ୍ଲକର ବିଭିନ୍ନ ଗ୍ରାମରୁ ୪୫ରୁ ଅଧିକ ବିମାନ ସାମିଲ ହୋଇଥିଲେ। ଥାନପତି ସମସ୍ତ ବିମାନଙ୍କୁ ଭୋଗଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ଡ୍ରିମସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼ ପ୍ରମୋଦ କୁମାର ରଥଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବିଭୁଦେନ୍ଦୁ ଷଡ଼ଙ୍ଗୀ, ଆକାଶ ପାତ୍ର ଓ ଜିତେନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

